# NATIONAL NEWS BULLETIN (ODIA)

**5 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗ, ଆସାମ ଏବଂ ପୁଡୁଚେରୀରେ ବିଜେପିର ବିଜୟ ତୁଷ୍ଟିକରଣ ଏବଂ ଅନୁପ୍ରବେଶ କାରୀଙ୍କୁ ଆଶ୍ରୟ ଦେଇଥିବା ଲୋକଙ୍କ ବିରୋଧରେ ଜବାବ- କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

- ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଚଳିତମାସ ୮ ତାରିଖରୁ ବିଦେଶ ଗସ୍ତରେ ଯିବେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ।

- ଦେଶରେ ଦୃଢ଼ ଗବେଷଣା ଓ ନବସୃଜନ ଇକୋସିଷ୍ଟମ ସ୍ଥାପନ କରିବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ- କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

- ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତି ଲାଗିରହିଲେ ବିଶ୍ୱ ଅର୍ଥନୈତିକ ଅବସ୍ଥା ଜଟିଳ ହେବା ନେଇ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ଅନୁମାନ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଚେନ୍ନାଇ ସୁପରକିଙ୍ଗସ୍ ମଧ୍ୟରେ ହେବ ମ୍ୟାଚ୍ ।

# ଅମିତ ଶାହା ଭିକ୍ଟ୍ରି

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପଶ୍ଚିମବଙ୍ଗ, ଆସାମ ଏବଂ ପୁଡୁଚେରୀରେ ଦଳର ବିଜୟକୁ ପ୍ରଶଂସା କରିଛନ୍ତି । ବଙ୍ଗଳାର ବିଜୟକୁ ପ୍ରଶଂସା କରି ଶ୍ରୀ ଶାହା କହିଛନ୍ତି ଭୟ, ତୁଷ୍ଟିକରଣ ଏବଂ ଅନୁପ୍ରବେଶକାରୀଙ୍କୁ ଆଶ୍ରୟ ଦେଇଥିବା ଲୋକଙ୍କ ବିରୁଦ୍ଧରେ ଏହା ନାଗରିକଙ୍କ ଜବାବ । ଐତିହାସିକ ହ୍ୟାଟ୍ରିକ ଜନାଦେଶ ପାଇଁ ମଧ୍ୟ ଶ୍ରୀ ଶାହା ଆସାମର ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏକ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଏବଂ ପ୍ରଗତିଶୀଳ ରାଜ୍ୟ ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୦ବର୍ଷ ଧରି ଏନ୍‌ଡିଏ ସରକାରଙ୍କ ଅକ୍ଲାନ୍ତ ଉଦ୍ୟମକୁ ଏହି ବିଜୟ ଦୃଢ଼ ସମର୍ଥନ ବୋଲି ସେ କହିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ଶାହା କହିଛନ୍ତି ଅସୀମ ସ୍ନେହ ଏବଂ ସହଯୋଗ ଲୋକଙ୍କୁ ଆହୁରି ଉନ୍ନତ ସେବା ପ୍ରଦାନ କରିବା ଏବଂ ସେମାନଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ଏହା ସଂକଳ୍ପକୁ ମଜଭୁତ କରିଛି ।

ସେହିପରି କେନ୍ଦ୍ରଶାସିତ ଅଞ୍ଚଳରେ କ୍ରମାଗତ ଦ୍ୱିତୀୟ ଦ୍ୱିତୀୟ ନିର୍ବାଚନ ପାଇଁ ପୁଡୁଚେରୀର ନାଗରିକଙ୍କୁ କୃତଜ୍ଞତା ପ୍ରକାଶ କରି ଶ୍ରୀ ଶାହା କହିଛନ୍ତି ଏହି ଜନାଦେଶ ଶ୍ରୀ ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ଏନ୍ ରଙ୍ଗାସାମୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ପ୍ରଦର୍ଶିତ ହୋଇଥିବା ରାଜନୀତିର ବିଜୟ । ଦକ୍ଷିଣ ରାଜ୍ୟରେ ଏନ୍‌ଡିଏକୁ ଅଧିକ ଭୋଟ୍ ଭାଗ ପ୍ରଦାନ କରିଥିବାରୁ କେରଳର

ଜନସାଧାରଣଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରି ଶ୍ରୀ ଶାହା କହିଛନ୍ତି ମୋଦୀ ସରକାର ବିକଶିତ କେରଳ ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଏ ଦିଗରେ ମଧ୍ୟ କାର୍ଯ୍ୟ ଜାରି ରଖିବେ । ସେହିପରି ତାମିଲନାଡୁର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇବା ସହ କେନ୍ଦ୍ରର ଏନ୍‌ଡିଏ ସରକାର ତାମିଲନାଡୁର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ତାମିଲ ସଂସ୍କୃତି ଓ ଗୌରବକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ ଜାରି ରଖିବ ବୋଲି ଶ୍ରୀ ଶାହା କହିଛନ୍ତି ।

# ଟିଏନ୍-ପଲିଟିକାଲ ଆକ୍ଟିଭିଟିଜ୍

ତାମିଲନାଡୁ ବିଧାନସଭା ନିର୍ବାଚନରେ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବରେ ଟିଭିକେ ଉଭା ହେବା ପରେ ସରକାର ଗଠନ ଲାଗି ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ଦଳର ନେତା ଜୋସେଫ୍ ବିଜୟ ଆଜି ଦ୍ରାବିଡ ରାଜନୀତିର ପ୍ରତିଷ୍ଠାତା ସି.ଏନ୍. ଆନ୍ନାଦୁରାଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଅନ୍ୟପକ୍ଷରେ ନବନିର୍ବାଚିତ ଟିଭିକେ ବିଧାୟକମାନେ ଚେନ୍ନାଇଠାରେ ଏକ ବୈଠକରେ ଏକତ୍ରିତ ହୋଇ ଅଭିନେତାରୁ ରାଜନେତା ପାଲଟିଥିବା ଜୋସେଫ୍ ବିଜୟଙ୍କୁ ଦଳର ନେତା ନିର୍ବାଚିତ କରିଛନ୍ତି । ଦଳପକ୍ଷରୁ ରାଜ୍ୟପାଳଙ୍କୁ ସାକ୍ଷାତ୍ କରି ସରକାର ଗଠନ ଲାଗି ଦାବି ଉପସ୍ଥାପନ କରାଯିବ ବୋଲି ଜଣାପଡିଛି ।

# ପିଏମ୍-ୟୁଏଇ ଆଟାକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁଏଇରେ ସଂଗଠିତ ଆକ୍ରମଣରେ ଆହତ ହୋଇଥିବା ୩ଜଣ ଭାରତୀୟଙ୍କ ଘଟଣାରେ ଦୁଃଖପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ସାଧାରଣ ଲୋକ ଓ ଭିତ୍ତିଭୂମି ଉପରେ ଏଭଳି ଆକ୍ରମଣ ଗ୍ରହଣୀୟ ନୁହେଁ । ସେ କହିଛନ୍ତି ଏଭଳି ସମୟରେ ଭାରତ' ୟୁଏଇ ସହିତ ରହିଛି ଏବଂ ଆଲୋଚନା ଓ କୂଟନୀତି ମାଧ୍ୟମରେ ସମାଧାନର ବାଟ ବାହାର କରିବା ଲାଗି ସମର୍ଥନ କରୁଛି । ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଗୁଡ଼ିକର ସୁରକ୍ଷିତ ଯାତ୍ରା ଓ ଆଞ୍ଚଳିକ ଶାନ୍ତି ସ୍ଥାପନ ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି ।

# ପ୍ରଧାନ-ରିସର୍ଚ୍ଚ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି କେନ୍ଦ୍ର ସରକାର ଦେଶରେ ଏକ ଦୃଢ଼, ଗବେଷଣା ଓ ନବସୃଜନ ଇକୋସିଷ୍ଟମ ସ୍ଥାପନ କରିବା ଦିଗରେ ପ୍ରତିବଦ୍ଧ । ଆଜି ନୂଆଦିଲ୍ଲୀରେ ଆଇଆଇଟି ମାଡ୍ରାସ ଟେକ୍ ସମ୍ମିଳନୀକୁ ଉଦ୍‌ବୋଧନ ଦେବା ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଭାରତର ଗବେଷଣା ଇକୋ ସିଷ୍ଟମ କ୍ଷେତ୍ରରେ ପରିବର୍ତ୍ତନ ଜରୁରୀ ବୋଲି କହିଛନ୍ତି । ସେ କହିଛନ୍ତି ଗବେଷଣା କାର୍ଯ୍ୟ କେବଳ ପିଏଚ୍‌ଡି ଥେସିସ୍ କିମ୍ବା ପ୍ରକାଶନ ମଧ୍ୟରେ ସୀମିତ ନରହି ସମାଜ ପାଇଁ ଯେଭଳି ଲାଭଦାୟକ ହୋଇପାରିବ ସେଥିପାଇଁ ନବସୃଜନ ଉପରେ ଅଧିକ କେନ୍ଦ୍ରୀଭୂତ କରିବାର ଆବଶ୍ୟକତା ରହିଛି । ସେ କହିଛନ୍ତି କେନ୍ଦ୍ର ସରକାର ଶିଳ୍ପ, ଷ୍ଟାଟ୍‌ଅପ୍

ଏବଂ ଶିକ୍ଷଣ ପ୍ରତିଷ୍ଠାନ ଗୁଡ଼ିକରେ ଗବେଷଣା ଓ ବିକାଶ କାର୍ଯ୍ୟକୁ ସମର୍ଥନ କରିବା ଲାଗି ୧ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି ।

ମନ୍ତ୍ରୀ କହିଛନ୍ତି ଗତ କିଛିବର୍ଷ ମଧ୍ୟରେ ଦେଶରେ ନବସୃଜନର ବିକାଶ ଫଳରେ ଷ୍ଟାଟ୍ଅପ୍ ସଂଖ୍ୟା ଅଢ଼େଇ ଲକ୍ଷରେ ପହଞ୍ଚିଛି । ଅନେକଗୁଡ଼ିଏ ସଫଳ ଷ୍ଟାଟ୍ଅପ୍ ଏବଂ ୟୁନିକର୍ଣ୍ଣ ଗୁଡ଼ିକ ଦେଶର ଶିକ୍ଷାନୁଷ୍ଠାନରୁ ହିଁ ବିକାଶଲାଭ କରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ବିଶ୍ୱ ନବସୃଜନ ସୂଚକାଙ୍କରେ ଭାରତ ୮୧ରୁ ୩୮ତମ ସ୍ଥାନକୁ ଉନ୍ନୀତ ହୋଇଥିବା ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

# ଆଇଏମ୍ଏଫ୍ ୱେଷ୍ଟ ଏସିଆ କନ୍ଫ୍ଲିଟ

ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତି ଯଦି ୨୦୨୭ ମସିହା ପର୍ଯ୍ୟନ୍ତ ବଳବତ୍ତର ରହେ ତେବେ ବିଶ୍ୱ ଅର୍ଥନୈତିକ ଅବସ୍ଥା ଜଟିଳ ହେବ ବୋଲି ଆନ୍ତର୍ଜାତିକ ମୁଦ୍ରାପାଣ୍ଠି କହିଛି । ଆଇଏମ୍ଏଫ୍ କହିଛି ୨୦୨୭ ପର୍ଯ୍ୟନ୍ତ ପଶ୍ଚିମ ଏସିଆରେ ଦେଖାଦେଇଥିବା ପରିସ୍ଥିତି ଜାରି ରହିଲେ ବିଶ୍ୱବ୍ୟାପୀ ତୈଳ ଦର ବ୍ୟାରେଲ ପିଛା ୧୨୫ ଡଲାରକୁ ବୃଦ୍ଧି ପାଇବ, ଯାହାଫଳରେ ବିଶ୍ୱର ଅନେକଗୁଡ଼ିଏ ଦେଶ ଆର୍ଥିକ ମାନ୍ଦାବସ୍ଥାର ଶିକାର ହେବେ । ଆଇଏମ୍ଏଫ୍ର ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜର୍ଜିଏଭା କହିଛନ୍ତି ବର୍ତ୍ତମାନର ପରିସ୍ଥିତିରେ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାରରେ

ପହଞ୍ଚିଥିବାବେଳେ ମୁଦ୍ରାସ୍ଫୀତି ଆରମ୍ଭ ହୋଇଛି । ଏଭଳି ପରିସ୍ଥିତିରେ ବିଶ୍ୱର ଅଭିବୃଦ୍ଧି ହାର ଚଳିତବର୍ଷ ୨ ଦଶମିକ ୫ ପ୍ରତିଶତ ହ୍ରାସ ପାଇବ ଓ ମୁଦ୍ରାସ୍ଫୀତି ୫ ଦଶମିକ ୪ ପ୍ରତିଶତ ବୃଦ୍ଧି ପାଇବ ।

## ରାଘବ ଚଡ୍ଢା-ପେଜ୍

ବିଜେପି ସାଂସଦ ରାଘବ ଚଡ୍ଢା, ଅଶୋକ ମିତ୍ତଲ, ସନ୍ଦୀପ ପାଠକ ଏବଂ ରାଜେନ୍ଦ୍ର ଗୁପ୍ତା ଆଜି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରିଛନ୍ତି । ପଞ୍ଜାବରେ ଆପ୍ ନେତୃତ୍ୱାଧୀନ ସରକାର କ୍ଷମତାର ଅପ ବ୍ୟବହାର କରୁଥିବା ନେଇ ସାସଂଦମାନେ ରାଷ୍ଟ୍ରପତିଙ୍କ ନିକଟରେ ଅଭିଯୋଗ କରିଛନ୍ତି । ବୈଠକ ପରେ ଗଣମାଧ୍ୟମ ସହ କଥାବାର୍ତ୍ତା କରି ସାଂସଦ ରାଘବ ଚଡ୍ଢା କହିଛନ୍ତି ଯେଉଁ ସାଂସଦମାନେ ଆପ୍ ଦଳ ପରିତ୍ୟାଗ କରି ବିଜେପିରେ ଯୋଗଦେଇଛନ୍ତି ସେମାନଙ୍କ ବିରୋଧରେ ପଞ୍ଜାବ ସରକାର କ୍ଷମତାର ଅପବ୍ୟବହାର କରୁଛନ୍ତି ।

## ଭିଏତ୍‌ନାମ ପ୍ରେଜ୍ ଭିଜିଟ୍

ଭିଏତ୍‌ନାମ ରାଷ୍ଟ୍ରପତି ତୋ ଲାମ୍ ତିନିଦିନିଆ ଭାରତ ଗସ୍ତରେ ଆସି ଆଜି ବିହାରର ବୋଧଗୟାରେ ପହଞ୍ଚିଛନ୍ତି । ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ୍ ଚୌଧୁରୀ’ ଭିଏତ୍‌ନାମ ରାଷ୍ଟ୍ରପତିଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରିଥିଲେ । ଗସ୍ତ କାଳରେ ରାଷ୍ଟ୍ରପତି ତୋ ଲାମ୍ ୟୁନେସ୍କୋ ବିଶ୍ୱ

ଐତିହ୍ୟସ୍ଥଳୀ ମହାବୋଧି ମନ୍ଦିରରେ ପ୍ରାର୍ଥନା କରିବେ । ଭିଏତ୍‌ନାମ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଉଭୟ ବୋଧଗୟା ଏବଂ ଗୟାଜିଠାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ରାଷ୍ଟ୍ରପତି ତୋ ଲାମ୍‌ଙ୍କ ସହିତ ଭିଏତ୍‌ନାମର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଭାରତ ଗସ୍ତରେ ଆସୁଛନ୍ତି । ପ୍ରତିନିଧି ଦଳରେ ସେଠାକାର ସରକାରଙ୍କ କେତେଜଣ ମନ୍ତ୍ରୀ ରହିଥିବା ଜଣାପଡିଛି । ଆଜି ଅପରାହ୍ଣରେ ଭିଏତ୍‌ନାମ ରାଷ୍ଟ୍ରପତି ନୂଆଦିଲ୍ଲୀରେ ପହଞ୍ଚିବେ ।

ଆସନ୍ତାକାଲି ରାଷ୍ଟ୍ରପତି ପ୍ରାଙ୍ଗଣରେ ତୋ ଲାମ୍‌ଙ୍କୁ ରାଜକୀୟ ସ୍ୱାଗତ କରାଯିବ । ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଷ୍ଟ୍ରପତି ତୋ ଲାମ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିବେ । ଆସନ୍ତାକାଲି ସଂଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ମଧ୍ୟ ତୋ ଲାମ୍ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ଜୟଶଙ୍କର-କିଙ୍ଗଷ୍ଟନ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ଜାମାଇକାର କିଙ୍ଗଷ୍ଟନ୍‌ଠାରେ ୟୁନିଭରସିଟି ଅଫ୍ ଦ ୱେଷ୍ଟଇଣ୍ଡିଜରେ ଉଦ୍‌ବୋଧନ ଦେଇଛନ୍ତି । ପରିବର୍ତ୍ତିତ ସମୟର ବିଶ୍ୱ ଏବଂ ଭାରତର ଭୂମିକା ଶୀର୍ଷକ ବିଷୟବସ୍ତୁ ଉପରେ ଡକ୍ଟର ଜୟଶଙ୍କର ଉଦ୍‌ବୋଧନ ଦେଇ ଗ୍ଲୋବାଲ

ସାଉଥ୍‌ରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ସମେତ ବହୁପକ୍ଷୀୟ ମତବାଦ ଉପରେ ସାରଗର୍ଭକ ଆଲୋଚନା କରିଥିବା ଜଣାପଡିଛି ।

## ୟୁଏସ୍‌-ଇରାନ୍ କନ୍‌ଫ୍ଲିଟ୍

ଯୁଦ୍ଧବିରତି ଲଙ୍ଘନ କରି ହର୍ମୁଜ୍ ପ୍ରଣାଳୀ ଉପରେ ଅଧିକାର ସାବ୍ୟସ୍ତ ଲାଗି ଉଭୟ ଆମେରିକା ଓ ଇରାନ୍ ମଧ୍ୟରେ ପୁଣି ଆକ୍ରମଣ-ପ୍ରତିଆକ୍ରମଣ ଆରମ୍ଭ ହୋଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀରେ ଅଟକି ରହିଥିବା ବିଭିନ୍ନ ଦେଶର ଜାହାଜ ଗୁଡ଼ିକର ସୁରକ୍ଷିତ ଯାତ୍ରା ନେଇ ପ୍ରୋଜେକ୍ଟ ଫ୍ରିଡମ ବିଷୟ ଘୋଷଣା କରିବା ପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଜରିଆରେ ଆକ୍ରମଣ ଆରମ୍ଭ ହୋଇଛି । ଚଳିତବର୍ଷ ଫେବୃୟାରୀ ମାସରେ ଆମେରିକା-ଇସ୍ରାଏଲ ଏବଂ ଇରାନ୍ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ହଜାର ହଜାର ଲୋକ ପ୍ରାଣ ହରାଇଛନ୍ତି । ଗତମାସ ୮ ତାରିଖରେ ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧବିରତି ଘୋଷଣା ହେବା ପରେ ଇସଲାମବାଦରେ ଆମେରିକା ଏବଂ ଇରାନ୍‌ର ଅଧିକାରୀଙ୍କ ମଧ୍ୟରେ ଆପୋଷ ବୁଝାମଣା ନେଇ ବୈଠକ ହୋଇଥିଲେ ମଧ୍ୟ ଉଭୟ ପକ୍ଷ କୌଣସି ନିଷ୍କର୍ଷରେ ପହଞ୍ଚି ପାରିନଥିଲେ ।

# ଜେକେ ଅନ୍‌ଲାଇନ୍ ସେନ୍‌ସସ

ଜନଗଣନାର ପ୍ରଥମ ପର୍ଯ୍ୟାୟ ପାଇଁ ଜାମ୍ମୁ-କାଶ୍ମୀରର ଲୋକମାନେ ଆସନ୍ତା ୧୭ ତାରିଖରୁ ୩୧ ତାରିଖ ମଧ୍ୟରେ ନିଜ ଘରର ବିବରଣୀ ଅନ୍‌ଲାଇନ୍‌ରେ ଦାଖଲ କରିପାରିବେ ବୋଲି ଜନଗଣନା ପରିଚାଳନା ନିର୍ଦ୍ଦେଶକ ତଥା ଜାମ୍ମୁ ଓ କାଶ୍ମୀର ଏବଂ ଲଦାଖର ପ୍ରମୁଖ ଜନଗଣନା ଅଧିକାରୀ ଅମିତ ଶର୍ମା କହିଛନ୍ତି । ୨୦୨୭ ଜନଗଣନାର ଅଂଶସ୍ୱରୂପ ଆସନ୍ତା ଜୁନ୍ ପହିଲାରୁ ୩୦ତାରିଖ ମଧ୍ୟରେ ଗୃହ ତାଲିକା କରାଯିବ । ବରଫାବୃତ୍ତ ଅଞ୍ଚଳରେ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ଜନସଂଖ୍ୟା ଗଣନା ଆସନ୍ତା ସେପ୍ଟେମ୍ବର ମାସରେ ଏବଂ ଅଣ ବରଫାବୃତ୍ତ ଅଞ୍ଚଳରେ ୨୦୨୭ ଫେବୃୟାରୀରେ କରାଯିବ । ଜାମ୍ମୁ-କାଶ୍ମୀର ଇତିହାସରେ ପ୍ରଥମଥର ପାଇଁ ସମସ୍ତ ସଂରକ୍ଷିତ ବର୍ଗର ଜନସଂଖ୍ୟା ପ୍ରକାଶ ପାଇବ ବୋଲି ଶ୍ରୀ ଶର୍ମା କହିଛନ୍ତି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଚେନ୍ନାଇ ସୁପରକିଙ୍ଗସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।

ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିଜୟୀ ହୋଇଛି । ଏହି ବିଜୟ ସହ ମୁମ୍ବାଇ ଇଣ୍ଡିଆନ୍ସ ପଏଣ୍ଟ ତାଲିକାର ଷଷ୍ଠ ସ୍ଥାନକୁ ଉନ୍ନିତ ହୋଇଛି । ଲକ୍ଷ୍ନୌ ସୁପର ଜ୍ୟାଏଣ୍ଟସ୍ ୯ଟି ମ୍ୟାଚ୍‌ରୁ ମାତ୍ର ୪ ପଏଣ୍ଟ ହାସଲ କରିଛି ।